# ବଳଦ

ଅଶୀଣ ମାସରେ ଶୀତୁଳିଆ ସକାଳଟା ଯେ କେତେ ଶୀଘ୍ର ମୋର ଶୋଇଲାଘରେ ଧସେଇ ପ୍ରଶେ ଥାଉ ମୋର ଲକ୍ଷେ ଟଙ୍କାର ନିଦଟାକୁ କାକର କରିପକାଏ, ଆଉ ସେଇ ଶୀତର ଶୀତଳ ପରଶରେ ମୁଁ ଅନ୍ତତଃ ଶୀତଟାକୁ ମଧୁର ସଂବୋଧନ କରି ଅଗତ୍ୟା ମୋର ଅନିଚ୍ଛାରେ ଶଯ୍ୟା ତ୍ୟାଗ କରିବାକୁ ବାଧ୍ୟ ହୋଇଯାଏ । ମୋର ପଡ଼ିଶା ଘରେ ରାତି ଚାରିଟାରୁ ଗତାନୁଗତିକ ଢଙ୍ଗରେ ଚାଲୁଥିବା ଭଜନ ବା ଖଞ୍ଜଣୀମାଡ଼ ବୋଧକରୁ ମୋର ନିଦଟାକୁ ଭାଙ୍ଗି ପାରେନା କାରଣ ନବାକ୍ଷରୀ ଭାଗବତ ମନ୍ତ୍ର ମୋର ଖୋଲା ଖୋଲା ଦୁଇଟା କାନରେ ପଡ଼ିଲେ ନିଦ ନଥିବା ଆଖି ଦୁଇଟା ହଠାତ୍ ହଠାତ୍ ଘୋଡ଼େଇ ହୋଇ ପଡ଼ନ୍ତି । ଆଉ ଅଶୀଣ ମାସର ରେଜେଇ ଭିତରେ ନିଦଟା ଗାଢରୁ ଗାଢତର ହୋଇଉଠେ । ସେ ଦିନ ଗୁରୁବାର ଛୁଟି ନେବାର ମନସ୍ଥ କରିଥିବା ଲେଖକ ଏବଂ ନିଦ୍ରାର ସାମାନ୍ୟ ମଜା ନେଉଥିବା ମୋର କାନ ଦୁଇଟା ପ୍ରିୟତମାଙ୍କର ହ୍ରେସା ରବରେ ଅତଡ଼ା ପଡ଼ିଗଲାପରି ଲାଗିଲା । ନିଦଟା ଯେପରି ବଙ୍ଗୋପ ସାଗରରେ ବୁଡ଼ ପକାଇବାକୁ ଦୌଡ଼ିଲା ଏବଂ ମୋପରି ଗୋଟାଏ ସାମାନ୍ୟ ହିନିମାନିଆ ଚରିତ୍ର ଆଖିମଳି ମଳି ଉଠି ଗୋଟିଏ ଜ୍ୱଳନମୁଖୀ ପିଣ୍ଡର ସାମନା କରିବାକୁ ପ୍ରସ୍ତୁତ ହୋଇଗଲା । ସାମନାରେ ମୋର ଏକମାତ୍ର ଅଲିଅଳି ସ୍ତ୍ରୀ ଶ୍ରୀମତୀ ବାସନ୍ତୀ ଦେବୀ ।

ହଇହେ ! ଆଜିପରା ଶେଷ ଗୁରୁବାର ଲକ୍ଷ୍ମୀଛଡ଼ା ମଣିଷପରି ଶେଯଟାକୁ ମାଡ଼ିବସିବ ସକାଳ ଆଠଟା ଯାଏଁ । ତୁମକୁ କାଲିଠାରୁ କହିଥିଲି ମିଠା, ଫଳ, ଫୁଲ ଇତ୍ୟାଦି ଉପଚାର ଆଣିଲେ ଲକ୍ଷ୍ମୀଠାକୁରାଣୀଙ୍କ ଠାରେ ପୂଜା ନୈବେଦ୍ୟ ଷୋଡ଼ଶ ଉପଚାରରେ ହେବ । ଆଉ ତୁମେତ ଭେବଲିଆ ମଣିଷ । କାହିଁକି ଆଣିଲ ନାହିଁ? ଅନ୍ତତଃ ଆଜିଯାଇ ଆଣିଲେ ପୂଜା ବସିବ । ମୋର କିଛି କହିବାର ଉପକ୍ରମଣିକା ବା ସାମାନ୍ୟକଥନ ପୂର୍ବରୁ ବାସନ୍ତୀ ଦେବୀଙ୍କ ପ୍ରଶ୍ନବାଣରେ ଜର୍ଜରିତ ମୁଁ ଶଯ୍ୟା ତ୍ୟାଗ କରିବାକୁ ବାଧ୍ୟହେଲି ।

ଆଜି ମାଣବସା ଗୁରୁବାର । ମା' ଲକ୍ଷ୍ମୀ ଠାକୁରାଣୀ ସକାଳୁ ଦେଉଳରେ ତାଙ୍କର ବାସୀକାମ ସାରି ଶୀଘ୍ର ଶୀଘ୍ର ବାହାଲ ହୋଇଯିବେଣି ଚଣ୍ଡାଳୁଣୀ ଘରଠାରୁ ବ୍ରାହ୍ମଣୀ ଘର

ଯାଏଁ ସବୁଠାରେ ଉଣ୍ଡପାଣ୍ଡକରି କେଉଁଠାରେ ଭଲ ଭଲ ଉପଚାର ଥିବ ତାହା ଗର୍ଭସାତ୍ କରିବା ପାଇଁ । ଅନ୍ୟପକ୍ଷରେ ଆମ ଘରୋଇ ଠାକୁରାଣୀମାନେ ପୂଜା ବଢାହେବା ପୂର୍ବରୁ ଯୋଜନାବଦ୍ଧ ଭାବରେ କାହା ଭାଗରେ କେତେ ଭୋଗ ପଡ଼ିବ ତାର ହିସାବ କରି ସାରିଥିବେ । ସେ ଯାହାହେଉ ମୁଁ ମୋର ଭଙ୍ଗା ଅମଳର ସ୍କୁଟରଟି ଧରି ଅଗତ୍ୟା ବଜାର ଅଭିମୁଖରେ ଧାବମାନ ହେଲି । ପର୍ସରେ ଟଙ୍କା ଅଛି ବା ନଅଛି ତାହା ବୋଧହୁଏ ଏଇ ଘରଣୀ ନାମଧାରୀ ଜୀବ ମାନଙ୍କର ଜିଜ୍ଞାସା ଭିତରେ ନଥାଏ । ମୋ ଜାତିର ବଳଦ ମାନଙ୍କର କାମ ହେଲା ବରାଦ ମୁତାବକ ଜିନିଷମାନ ଆଣି ଘରେ ମହଜୁଦ କରିବା । ଯାହାର ବ୍ୟବହାରର ସୁଯୋଗ ଯେପରି ଆମ ମାନଙ୍କର ଭାଗ୍ୟରେ ନଥାଏ ।

ଆମ ସାଇମୁଣ୍ଡରେ ଭୁବନେଶ୍ୱରର ଅନ୍ୟ ପୁରୁଣା ବସ୍ତିମାନଙ୍କ ପରି ଆଇଗିଣିଆରେ ଗୋଟାଏ ବିରାଟ ଓସ୍ତଗଛ କେଉଁ ଆଦିମ କାଳରୁ ଠିଆ ହୋଇଛି । ତାର ହିସାବ କାହାପାଖରେ ନାହିଁ । ଓସ୍ତଗଛ ମୂଳରେ ସର୍ବସାଧାରଣ ବ୍ୟବହାରାର୍ଥେ ଗୋଟିଏ ସାଧାରଣ କୂଅ । ତାକୁ ଲାଗି ମଙ୍ଗୁର ବରା, ପକଡ଼ି, ଗୁଲୁଗୁଲା ଦୋକାନ । ରାସ୍ତାକୁ ଅଧାଅଧା ଭାଗବାଣ୍ଟି ଦେଇଛନ୍ତି । ମଙ୍ଗୁ ଓରଫ ମିଠା ଦୋକାନୀ ଆଉ ସର୍ବସାଧାରଣ କୂଅଟା । ସେଠାରେ ପହଞ୍ଚି ମଙ୍ଗୁଠାରୁ ଚା’ କପେ ପିଇବାର ଅଭିପ୍ସା ଦେଇ ବିରାଦ ପୂର୍ବରୁ ଦେଖିଲି ଅନେକ ଲୋକ ସେଠାରେ ଜମା ହୋଇଛନ୍ତି । ମୁଁ ରାସ୍ତାଭାଙ୍ଗି ଯିବା ପୂର୍ବରୁ ଦେଖିଲି ରକ୍ତ ଜୁଡୁବୁଡୁ ଗୋଟାଏ ମଣିଷର ଦେହ ରାସ୍ତାଉପରେ ରକ୍ତରେ ପହଁରୁଛି । ବୋଧହୁଏ କୌଣସି ଦୃତଗାମୀ ଯାନ ଲୋକଟିକୁ ଆଘାତକରି ଗତାନୁଗତିକ ଢଙ୍ଗରେ ପାର ହୋଇଯାଇଛି । ଖବର ନେବାରେ ଜଣାଗଲା ସେଇ ଅର୍ଦ୍ଧମୃତ ରକ୍ତ ଜୁଡୁବୁଡୁ ଶରୀରଟି ଆମ ଚାକରାଣୀ ସୁମାର ଗେରସ୍ତ ଜଗୁ ବୋଲି ଏବଂ ସୁମା ସେଇ ଜଗୁ ଉପରେ ଲୋଟିପଡ଼ି ଅତି କାରୁଣ୍ୟ ଭାବରେ କାନ୍ଦିଚାଲିଛି । ପ୍ରଗଲ୍ଭ ରୋଦନଉନ୍ମୁଖୀ ସୁମା ମୋତେ ଦେଖିବାମାତ୍ରେ ଯେପରି ଜାବୁଡ଼ି ଧରିଲା ବାବୁ ! ମୋର ଜଗୁଟାକୁ ବଞ୍ଚାଇଦିଅ ବାବୁ ! ମୋର ଆଉ କେହି ନାହାନ୍ତି ସାହାଯ୍ୟ କରିବା ପାଇଁ । ମୋର ଛୋଟ ହୃଦୟଟା ଯେପରି କିଛି ସମୟ ପାଇଁ ସ୍ପନ୍ଦନହୀନ ହୋଇଗଲା ଏବଂ ମୋ ପରି ଗୋଟିଏ ଜୀବ ଯେତେବେଳେ ଆସି ପହଞ୍ଚିଯାଇଛି, ସେତେବେଳେ ସାହାଯ୍ୟ ବ୍ୟତୀତ ଅନ୍ୟପନ୍ଥା ଅନ୍ତତଃ ମୋ ପାଇଁ ନାହିଁ । ସୁମା ଓ ଜଗୁଙ୍କୁ ଧରି ଆମ୍ବୁଲାନ୍ସ ଯୋଗେ ଏ ଜୀବଟା ଡାକ୍ତରଖାନା ଅଭିମୁଖରେ ଧାବମାନ ହେଲା । “ଦାନା ଦାନା ମେ ଲିଖା ହୁଆ ହାଏ ଖାନେବାଲାକା ନାମ ” ନିତିରେ

ମୋର ଠାକୁରାଣୀ ଭୋଗ ବା କଦଳୀ ବା ଠା' କଥା ଆଉ ମନେ ନଥାଏ । ପକେଟରେ ଛଟପଟ ହେଉଥିବା ପାଞ୍ଚଶହ ଟଙ୍କିଆ ନୋଟଟି ଖର୍ଚ୍ଚ ହେବାର ସହି ରାସ୍ତା ଯେପରି ମୋତେ ମିଳିଗଲା ।

ଘରୁ ମୋର ମୋବାଇଲକୁ ଗୋଟିଏ ପରେ ଗୋଟିଏ ଫୋନ କଲ । ମାତ୍ର ମୋର ଗୋଟିଏ ମଣିଷର ଜୀବନ ବଞ୍ଚାଇବାର ବ୍ୟଗ୍ରତା ହୁଏତ ସେଥିପ୍ରତି ସାମାନ୍ୟତମ ମାନସିକତା ଦେଖାଇ ପାରିଲା ନାହିଁ । ଯାହାହେଉ ଆଶୁ ବିଭାଗର ଡାକ୍ତର ମୋରବନ୍ଧୁ ଦେବାଶିଷଙ୍କ ଚେଷ୍ଟା, ଔଷଧପତ୍ରର ସୁବନ୍ଦୋବସ୍ତ ଯୋଗୁଁ ଜଗୁର ଜୀବନ ଫେରିପାଇବାର ପଥ ଉନ୍ମୋଚିତ ହୋଇଗଲା । ସୁମା ମୋର ହାତଧରି ପକାଇ କହିଲା ବାବୁ ! ଆପଣ ହଠାତ ଦେବଦୂତ ପରି ଯଦି ନପହଞ୍ଚିଥାନ୍ତେ, ତେବେ ଜଗୁର ମଲା ଦେହଟାକୁ ନେଇ ବୋଧହୁଏ ମୁଁ ଡାକ୍ତରଖାନାରୁ ଫେରିଥାନ୍ତି । ମୋର ଉଜୁଡ଼ା ସଂସାରକୁ ସଜାଡ଼ିବାର ଶ୍ରେୟ ଆପଣଙ୍କୁ ହିଁ ଯିବ ବାବୁ ।

ମୁଁ ଅଗତ୍ୟା ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଇ ଗୃହାଭିମୁଖୀ ହେବାରେ ବ୍ରତୀ ହେଲି । ମନରେ ଗୋଟାଏ ରିତିମତ ସମର କୌଶଳର ବାରମ୍ବାର ଅଭ୍ୟାସ । କିପରି ଭାବରେ ମୋର ସ୍ତ୍ରୀଙ୍କ ପରି ଗୋଟିଏ ଘୂର୍ଣ୍ଣିବାତ୍ୟାକୁ ସାମନା କରାଯିବ । ହୁଏତ ବିବିଧ ପ୍ରଶ୍ନବାଣରେ ଜର୍ଜରିତ ମୋ ପରି ଗୋଟିଏ ଅମାୟିକ ଚରିତ୍ର କ୍ଷତବିକ୍ଷତ ହୋଇପଡ଼ିବ ଏହା ଭାବୁ ଭାବୁ ସ୍କୁଟରଟି ଦୁଆର ମୁହଁରେ ହଠାତ୍ ରହିଗଲା ।

ମୋର ସ୍ତ୍ରୀଙ୍କର ହଠାତ୍ ମୁଡ୍‌ର ପରିବର୍ତ୍ତନ ଦେଖି ମୋ ମନରେ ଲକ୍ଷେ ଚଂପା ଅକର୍ମ କର୍ମଦାୟକ ଭଗବାନ ଶିବଙ୍କ ଶିରରେ ଚଢାଇ ବର ପାଇବା ପରି ଅନୁଭବ ହେଲା । ବୋଧକରୁ ମୋର ସମସ୍ତ କାର୍ଯ୍ୟ ବାସନ୍ତୀ ଦେବୀଙ୍କ ମନକୁ ଛୁଇଁ ପାରିଛି ବୋଲି ମୁଁ ଅନୁଭବ କଲି । ସେ ପଚାରିଲେ ହଇହୋ ! ସୁମାବରର ଦେହ ଭଲ ଅଛିଟି ? ମୋର ଯେପରି ଶରୀରଟାରୁ ଗୋଟାଏ ଝାଳ ବୋହିଗଲା । ହଁ କହି ଘରଭିତରେ ପହଞ୍ଚି ସୋଫା ଉପରେ ପୈତୃକ ପ୍ରାଣଟାକୁ ଅଜାଡ଼ି ଦେଉ ଦେଉ ପରମ ତୃପ୍ତି ଲାଭ କଲି ଯେ ଅନ୍ତତଃ ଗୋଟାଏ ଅଭାବୀ ମଣିଷର ଉପକାରରେ ମୋର କିଛି ସମୟ ଉପଯୋଗ ହୋଇପାରିଛି ଏବଂ ମା' ଠାକୁରାଣୀ ଲକ୍ଷ୍ମୀଙ୍କୁ ଶତ ଶତ ଧନ୍ୟବାଦ ଦେଲି ମୋ ସ୍ତ୍ରୀଙ୍କର ଆନମନା ହେବାର ପରିତୃପ୍ତି ନେଇ ।

***